# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 23 May - 2024

### News Editor : Tapan Kumar Maharana

*********************************

## ମୁଖ୍ୟ ସମ୍ବାଦ

- ଦେଶରେ ଷଷ୍ଠ ତଥା ରାଜ୍ୟରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ଆଜି ସନ୍ଧ୍ୟାରେ ଶେଷ ହେଉଛି ପ୍ରଚାର

– ଏହି ପର୍ଯ୍ୟାୟରେ ରାଜ୍ୟର ୬ଟି ଲୋକସଭା ଏବଂ ଏହା ଅନ୍ତର୍ଗତ ୪୨ଟି ବିଧାନସଭା ଆସନ ପାଇଁ ହେବ ମତଗ୍ରହଣ

- ରାଜ୍ୟରେ ବାକି ରହିଥିବା ଦୁଇଟି ପର୍ଯ୍ୟାୟ ନିର୍ବାଚନ ପାଇଁ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାରକୁ ଜୋରଦାର କଲେ ବିଭିନ୍ନ ରାଜନୈତିକ ଦଳର ଷ୍ଟାର୍ ପ୍ରଚାରକ

- ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିର୍ବାଚନ ପ୍ରଚାର ପାଇଁ ଆସନ୍ତା ୨୯ ତାରିଖରେ ଆସିବେ ଓଡ଼ିଶା

- କନ୍ଧମାଳ ବିଧାନସଭା ଆସନର ଦୁଇଟି ବୁଥ୍‌ରେ ଚାଲିଛି ପୁନଃ ମତଦାନ

ଏବଂ

- ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ଅଧିକ ଘନୀଭୂତ ହୋଇ ଆସନ୍ତାକାଲି ସୁଦ୍ଧା ଅବପାତର ରୂପ ନେବ ବୋଲି ପାଣିପାଗ କେନ୍ଦ୍ରର ସୂଚନା

***Desk***

# ତୃତୀୟ ପର୍ଯ୍ୟାୟ ମତଦାନ

ଦେଶରେ ଷଷ୍ଠ ପର୍ଯ୍ୟାୟ ଏବଂ ରାଜ୍ୟର ତୃତୀୟ ପର୍ଯ୍ୟାୟ ମତଦାନ ପାଇଁ ଆଜି ପ୍ରଚାର କାର୍ଯ୍ୟ ଶେଷ ହେଉଛି । ଏହି ପର୍ଯ୍ୟାୟରେ ଆସନ୍ତା ୨୫ ତାରିଖ ଶନିବାର ଦିନ ପୁରୀ, ଭୁବନେଶ୍ୱର, କଟକ, କେନ୍ଦୁଝର, ସମ୍ବଲପୁର ଏବଂ ଢେଙ୍କାନାଳ ଲୋକସଭା ଆସନ ଓ ଏହା ଅନ୍ତର୍ଗତ ୪୨ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ମତଦାନ ହେବ । ସେହିଭଳି ଦେଶର ଷଷ୍ଠ ପର୍ଯ୍ୟାୟ ସାଧାରଣ ନିର୍ବାଚନରେ ଓଡ଼ିଶା ସମେତ ବିହାର, ହରିଆଣା, ଝାଡ଼ଖଣ୍ଡ, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ଦିଲ୍ଲୀ ଏବଂ ଜାମ୍ମୁ-କାଶ୍ମୀରରେ ୫୮ଟି ଲୋକସଭା ଆସନ ପାଇଁ ମତଗ୍ରହଣ କରାଯିବ ।

ରାଜ୍ୟରେ ତୃତୀୟ ପର୍ଯ୍ୟାୟ ମତଦାନ ନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ସୂଚନା ଦେଇଛନ୍ତି । ତୃତୀୟ ପର୍ଯ୍ୟାୟ ନିର୍ବାଚନରେ ୯୪ ଲକ୍ଷ ୪୮ ହଜାରରୁ ଅଧିକ ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ । ସେମାନଙ୍କ ମଧ୍ୟରୁ ପୁରୁଷ ଭୋଟର ହେଉଛନ୍ତି ୪୮ ଲକ୍ଷ ୩୦ ହଜାର ଏବଂ ମହିଳା ଭୋଟର ୪୬ ଲକ୍ଷ ୧୮ ହଜାର । ଏହି ପର୍ଯ୍ୟାୟରେ ଶାନ୍ତିଶୃଙ୍ଖଳାର ସହ ଭୋଟ୍ ଗ୍ରହଣ ଲାଗି ୧୨୧ କମ୍ପାନୀ କେନ୍ଦ୍ରୀୟ ସଶସ୍ତ୍ର ବାହିନୀ ମୁତୟନ କରାଯିବ ବୋଲି ଶ୍ରୀ ଧଳ କହିଛନ୍ତି...

**- V/O –**

***Desk***

# ନିର୍ବାଚନ ପ୍ରଚାର

ରାଜ୍ୟରେ ବାକି ଥିବା ଦୁଇଟି ପର୍ଯ୍ୟାୟ ନିର୍ବାଚନ ପାଇଁ ବିଭିନ୍ନ ରାଜନୈତିକ ଦଳର ତାରକା ପ୍ରଚାରକମାନେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ୍ ଦେବା ଲାଗି ପ୍ରଚାର କରୁଛନ୍ତି । ଏହି କ୍ରମରେ ଆଜି ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡା  କରଞ୍ଜିଆଠାରେ ଏକ ଜନସଭାକୁ ସମ୍ବୋଧିତ କରିଛନ୍ତି । ସେ ରାଜ୍ୟରେ ବିଜେପି ସରକାର ଗଢ଼ିବା ନେଇ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ଶ୍ରୀ ନଡ୍ଡା ଆଜି ମଧ୍ୟ ଧାମନଗର, ଅସୁରାଳୀ, ବଡ଼ଚଣା ଏବଂ ଏରସମାରେ ନିର୍ବାଚନୀ ସଭାରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବେ । ଅନ୍ୟପକ୍ଷରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଚିଲିକା ନିର୍ବାଚନ ମଣ୍ଡଳୀର ବାଣପୁର ଏବଂ କେନ୍ଦ୍ରାପଡ଼ା ଲୋକସଭା କ୍ଷେତ୍ରର କୁଳିଆଠାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି ।  ସେହିଭଳି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ସହ ଦେବଗଡ଼ରେ ଏକ ରୋଡ୍ ଶୋ'ରେ ଭାଗ ନେବାର କାର୍ଯ୍ୟକ୍ରମ ରହିଛି । କଂଗ୍ରେସର ତାରକା ପ୍ରଚାରକ ତଥା ଏ.ଆଇ.ସି.ସି. ମୁଖ୍ୟ ମୁଖପାତ୍ର ପବନ ଖେରା ଦଳୀୟ ପ୍ରାର୍ଥୀଙ୍କ ପାଇଁ କଟକରେ  ପ୍ରଚାର କରିଛନ୍ତି ।

***Desk***

# ପ୍ରଧାନମନ୍ତ୍ରୀ–ଓଡ଼ିଶା ଗସ୍ତ

ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୯ ତାରିଖରେ ଓଡ଼ିଶା ଗସ୍ତରେ ଆସି କେନ୍ଦ୍ରାପଡା ଓ ବାଲେଶ୍ୱରଠାରେ

ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବେ ବୋଲି  ରାଜ୍ୟ ବିଜେପି ନିର୍ବାଚନ ପ୍ରଭାରୀ ବିଜୟପାଲସିଂ ତୋମାର କହିଛନ୍ତି ।

ସେହିପରି ବିଜେପିର ବରିଷ୍ଠ ନେତା ତଥା କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହା ଆସନ୍ତା ରବିବାର ଦିନ ବାରିପଦା, ଚାନ୍ଦବାଲି, ପୁରୀ ଓ ନିମାପଡାଠାରେ ଆୟୋଜିତ ବିଜୟ ସଂକଳ୍ପ ସମାବେଶରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

***Desk***

# ରାହୁଲ ଗାନ୍ଧୀ–ଖଡଗେଙ୍କ ଓଡ଼ିଶା ଗସ୍ତ

କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ୍‌ଗେ ଏବଂ ଦଳର ବରିଷ୍ଠ ନେତା ରାହୁଲ ଗାନ୍ଧୀ ଆସନ୍ତା ୨୬ ତାରିଖରୁ ୨୮ ତାରିଖ ମଧ୍ୟରେ ଓଡ଼ିଶା ଗସ୍ତରେ ଆସି ବାଲେଶ୍ୱର, ଭଦ୍ରକଠାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବେ । ଅନ୍ୟପକ୍ଷରେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ଏବଂ ଥିରୁଅନନ୍ତପୁରମ୍ ସାଂସଦ ଶଶି ଥରୁର୍ ମଧ୍ୟ ଓଡ଼ିଶା ଗସ୍ତରେ ଆସି ପ୍ରଚାର କାର୍ଯ୍ୟରେ ଭାଗ ନେବେ ବୋଲି ଦଳୀୟ ସୂତ୍ରରୁ ଜଣାପଡ଼ିଛି ।

***Boudh***

# ପୁନଃ ମତଦାନ–କଣ୍ଟାମାଳ

କନ୍ଧମାଳ ଲୋକସଭା ଆସନ ଅନ୍ତର୍ଗତ କଣ୍ଟାମାଳ ବିଧାନସଭାର ଦୁଇଟି ବୁଥରେ ଆଜି ପୁନଃ ମତଦାନ ଚାଲିଛି । ଦିନ ଗୋଟାଏ ସୁଦ୍ଧା କଣ୍ଟାମାଳର ୨୬ ନମ୍ବର ବୁଥ୍ କିରାସିରାରେ ୮୦ ପ୍ରତିଶତ ମତଦାନ ହୋଇଥିବା ବେଳେ ଏବଂ ୨୮ ନମ୍ବର ବୁଥ୍ ମହେଶ୍ୱରପିଣ୍ଡାରେ ୪୨

ପ୍ରତିଶତ ମତଦାନ ହୋଇଥିବା ଜଣାପଡ଼ିଛି । ଏହି ଦୁଇଟି ବୁଥ୍‌ରେ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଭୋଟ୍‌ଗ୍ରହଣ ଜାରି ରହିବ । ଏ ସମ୍ପର୍କରେ ଆମ ବୌଦ୍ଧ ସମ୍ବାଦଦାତା ସମ୍ପତ କୁମାର ଅଗ୍ରଓ୍ୱାଲଙ୍କ ରିପୋର୍ଟ...

**- V/O -**

ଅନ୍ୟପକ୍ଷରେ ଗତ ୨୦ ତାରିଖରେ କନ୍ଧମାଳରେ ହୋଇଥିବା ନିର୍ବାଚନୀ ବିଶୃଙ୍ଖଳାରେ ଏହି ଦୁଇ ବୁଥ୍‌ର ପ୍ରିଜାଇଡିଂ ଅଫିସରଙ୍କ ସମେତ ୧୨ ଜଣ ପୁଲିଂ କର୍ମଚାରୀଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ନିଆଯାଇଛି ।

## ନିର୍ବାଚନ–ଯାଜପୁର

ରାଜ୍ୟର ତୃତୀୟ ପର୍ଯ୍ୟାୟ ନିର୍ବାଚନ ଆସନ୍ତା ୨୫ ତାରିଖରେ ଅନୁଷ୍ଠିତ ହେବ । ଏହି ପର୍ଯ୍ୟାୟରେ ଯାଜପୁର ଜିଲ୍ଲାର ଗୋଟିଏ ଲୋକସଭା ଆସନ ଏବଂ ୭ଟି ବିଧାନସଭା ଆସନ ଲାଗି ଭୋଟ୍ ନିଆଯିବ ।

ଯାଜପୁର ଜିଲ୍ଲାରେ ନିର୍ବାଚନ ସ୍ଥିତି ନେଇ ଆମ ସମ୍ବାଦଦାତା **ପ୍ରିୟରଞ୍ଜନ କର**ଙ୍କ ରିପୋର୍ଟ....

# - V/O -

***Deogarh/Nayagarh***

## ପର୍ଯ୍ୟବେକ୍ଷକଙ୍କ ବୈଠକ

ନୟାଗଡ଼, ରଣପୁର ଓ ଖଣ୍ଡପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ସାଧାରଣ ପର୍ଯ୍ୟବେକ୍ଷକଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି । ଖଣ୍ଡପଡ଼ା ବିଧାସଭା ନିର୍ବାଚନମଣ୍ଡଳୀ ପାଇଁ ସାଧାରଣ ପର୍ଯ୍ୟବେକ୍ଷକ ଉମାଶଙ୍କର ସିଂ

ଓ ରଣପୁର ଏବଂ ନୟାଗଡ଼ ପାଇଁ ସାଧାରଣ ପର୍ଯ୍ୟବେକ୍ଷକ ଟି.ଭି.ସୁଭାସ ଏବଂ ପୁଲିସ ପର୍ଯ୍ୟବେକ୍ଷକ ୟାରାମ୍ ନାଗିରେଡ୍ଡୀଙ୍କୁ ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଅବାଧ ଏବଂ ମୁକ୍ତ ନିର୍ବାଚନ ଲାଗି ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ଅବଗତ କରାଇଛନ୍ତି। ବୈଠକରେ ଆଦର୍ଶ ଆଚରଣବିଧି ପାଳନ, ପ୍ରାର୍ଥୀମାନଙ୍କ ଖର୍ଚ୍ଚ ଏବଂ ନିର୍ବାଚନ ସମ୍ପର୍କିତ ଅନ୍ୟାନ୍ୟ ପ୍ରମୁଖ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା।

ସେହିପରି ଦେବଗଡ଼ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ସୌମେଶ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ନିର୍ବାଚନ ସହ ସମ୍ପୃକ୍ତ ବିଭିନ୍ନ ଅଧିକାରୀଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ ୪୧ ସେକ୍ଟର ଅଫିସରଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

***Desk***

## ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ଅଧିକ ଘନୀଭୂତ ହୋଇ ଲଘୁଚାପରେ ପରିଣତ ହେବା ସମ୍ଭାବନା ରହିଥିବା ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଆସନ୍ତାକାଲି ସକାଳ ସୁଦ୍ଧା ଏହା ଘନୀଭୂତ ହୋଇ ଅବପାତରେ ପରିଣତ ହେବ। ଆସନ୍ତା ଶନିବାର ସକାଳ ସୁଦ୍ଧା ଏହାର ପ୍ରଭାବରେ ବଙ୍ଗୋପସାଗରରେ ବାତ୍ୟା ସମ୍ଭାବନା ରହିଥିବା ପାଣିପାଗ ବିଭାଗ ସୂତ୍ରରୁ ଜଣାପଡ଼ିଛି। ଓଡ଼ିଶାରେ ସମ୍ଭାବ୍ୟ ବାତ୍ୟାର ବିଶେଷ ପ୍ରଭାବ ପଡ଼ିବ ନାହିଁ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା କହିଛନ୍ତି। ତେବେ ପୂର୍ବଭଳି କାଳବୈଶାଖୀ ଜାରି ରହିବ ଏବଂ ରବିବାର

ଆଡ଼କୁ ବାଲେଶ୍ୱର, ଭଦ୍ରକ ଓ କେନ୍ଦ୍ରାପଡ଼ାରେ ବର୍ଷା ପରିମାଣ ବୃଦ୍ଧି ପାଇବାର ସମ୍ଭାବନା ରହିଥିବା ସେ କହିଛନ୍ତି ।